# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

***　　***　　***

ସଂଖ୍ୟା : ୨୩୦୬ /୨୦୨୨, LA-III, 29/2022 ତାରିଖ: ୨୮ .୧୦.୨୦୨୨

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୧୯ ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କୋରାପୁଟଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ନିଶାର, ଥାନା- ଲକ୍ଷ୍ମୀପୁର, ନଂ-୪୩, ଜିଲ୍ଲା- କୋରାପୁଟରେ ନିମ୍ନ ସୂଚିତ "କ" ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ତଥା କୋରାପୁଟ-ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରିକରଣ (ଓସାରିଆ) ନିର୍ମାଣ ନିମନ୍ତେ ଉପ ମୂଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ରାୟଗଡାଙ୍କ ଦ୍ୱାରା ଜମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହିଜମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୨୫୪ ତା. ୦୨.୧୧.୨୦୨୧ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ନିଶାର, ଥାନା- ଲକ୍ଷ୍ମୀପୁର, ନଂ-୪୩, ଜିଲ୍ଲା- କୋରାପୁଟରେ ବିସ୍ଥାପିତ ପରିବାର ନ ଥିବାରୁ, ପୂନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୂନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଯାଇନାହିଁ ।

ଏହି ଘୋଷଣାନାମା ସହିତ ପ୍ରକଳ୍ପ କ୍ଷତିଗ୍ରସ୍ତ ଓ ବାସଚ୍ୟୁତ ପରିବାର ଉଦ୍ଦେଶ୍ୟରେ ପ୍ରସ୍ତୁତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇଛି ।

ଅନୁମୋଦିତ ପୂନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.koraput.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନା ଭୂମି ନକ୍ସା, କୋରାପୁଟ-ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରିକରଣ (ଓସାରିଆ) ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଜିଲ୍ଲାପାଳ, କୋରାପୁଟ

କ୍ରମଶଃ...

## ତଫସିଲ – କ
## (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କୋରାପୁଟ                                    ତହସିଲ- ଲକ୍ଷ୍ମୀପୁର

| କ୍ରମିକ ନଂ. | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲୋଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଭୂ-ଅର୍ଜନ ହେବାକୁଥିବା ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧. | ନିସାର | ଗ୍ରାମାଞ୍ଚଳ | ୦୧ | ୪୫ | ଡଙ୍ଗର-୩ | ୦.୮୫୦ | ୦.୦୧୨ | ହିକକା ଆସୁ ପି- ହିକକା ମୂର୍ତ୍ତି |
| ୨. | ନିସାର | ଗ୍ରାମାଞ୍ଚଳ | ୧୨ | ୫୦ | ଡଙ୍ଗର-୩ | ୦.୧୪୦ | ୦.୦୭୫ | ଜାମ୍ବେକା ଜାମା ଜାନି, ଜମ୍ବେକା ସନ୍ଧ, ଜାମ୍ବେକା କାଙ୍କୁ, ଜାମ୍ବେକା ବାଙ୍ଗରୁ ପି- ଜାମ୍ବେକା ଦସା ଜାନି |
| ୩. | ନିସାର | ଗ୍ରାମାଞ୍ଚଳ | ୧୬ | ୪୬ | ଡଙ୍ଗର-୩ | ୦.୯୦୦ | ୦.୦୨୭ | ମିଣିଆକା ଡୁମ୍ବରି ପି- ମିଣିଆକ କର୍ଣ୍ଣ |
| ୪. | ନିସାର | ଗ୍ରାମାଞ୍ଚଳ | ୨୧ | ୪୯ | ଡଙ୍ଗର-୩ | ୧.୮୦୦ | ୦.୦୨୪ | ହିକକା ଭାଲୁ ପି- ହିକକା ମାଜା |
| ୫. | ନିସାର | ଗ୍ରାମାଞ୍ଚଳ | ୨୩ | ୫୧ | ଡଙ୍ଗର-୩ | ୧.୧୯୦ | ୦.୨୨୬ | ହିକକା ମନ ପି- ହିକକା ଗୁଞ୍ଜର |
| ୬. | ନିସାର | ଗ୍ରାମାଞ୍ଚଳ | ୨୬ | ୫୨ | ଡଙ୍ଗର-୩ | ୦.୮୯୦ | ୦.୧୨୪ | ହିକକା ରାମିୟା ପି- ହିକକା ମାଳି |
| ୭. | ନିସାର | ଗ୍ରାମାଞ୍ଚଳ | ୩୦/୨୨ | ୪୭ | ଡଙ୍ଗର-୩ | ୦.୯୮୦ | ୦.୦୫୯ | ଜମ୍ବେକା ରିମ୍ବ ପି- ମାଲକା ଜିରା |
| ମୋଟ | | | | | | ୮.୭୫୦ | ୦.୫୪୭ | |

## ତଫସିଲ – ଖ
## (ପୂନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କୋରାପୁଟ                                    ତହସିଲ- ଲକ୍ଷ୍ମୀପୁର

| କ୍ରମିକ ନଂ. | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲୋଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଭୂ-ଅର୍ଜନ ହେବାକୁଥିବା ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ପ୍ରଯୁଜ୍ୟ ନୁହେଁ | | | | | | | | |

[signature] 27/04/2022

ତହସିଲଦାର ତଥା
ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁର

[signature]

ଜିଲ୍ଲାପାଳ, କୋରାପୁଟ